# ବଣ ଅଦାଲତ

ଉଷାକୋଠି ଜଙ୍ଗଲ ଭିତରେ ଆଜି ବହୁତ କୋଳାହଳ । ବିଭିନ୍ନ ସ୍ଥାନରୁ ପଶୁପକ୍ଷୀମାନେ ଦଳଦଳ ହୋଇ ଆସି ଜମା ହୋଇଛନ୍ତି । ଗୋଟିଏ ଉଚ୍ଚ ପଥର ଚଟାଣ ଉପରେ ବସିଛନ୍ତି ମହାବଳ ବ୍ୟାଘ୍ର ମହାରାଜ । ମହାରାଜଙ୍କ ଡାହାଣ ପଟରେ ବସିଛନ୍ତି ମହାମନ୍ତ୍ରୀ ଭଲ୍ଲୁକ । ବାମ ପଟେ ପ୍ରଧାନ ସେନାପତି ଚିତାବାଘ । ତାଙ୍କ ପାଖକୁ ବସିଛନ୍ତି ହାତୀ, ଗଧିଆ, ବିଲୁଆ, ହରିଣ, ଗୟଳ, ହନୁମାଙ୍କଡ଼ ଓ ପାତିମାଙ୍କଡ଼ । ପକ୍ଷୀମାନଙ୍କ ମଧ୍ୟରେ ଅଛନ୍ତି କାଉ, ବଗ, ସାରସ, କଜଳପାତି, ଶାଗୁଣା, ଚିଲ, ପାରା, କୋଇଲି ଓ ମୟୂର । ଅଜଗର, ଅହିରାଜ, ଗୋଧି, ଗୋଖର ଆଦି ସରୀସୃପ ମଧ୍ୟ ଉପସ୍ଥିତ । ଗୋଟିଏ ବୃକ୍ଷରେ ଅହିରାଜ ବାନ୍ଧିରଖିଥାଏ ଦୁଇଟି ମଣିଷ । ସେମାନଙ୍କ ବିଚାର ପାଇଁ ବସିଛି ଆଜି ବଣ ଅଦାଲତ ।



5VCTYS

ସମସ୍ତେ ଆସି ଉପସ୍ଥିତ ହେବା ପରେ ମହାରାଜ ବ୍ୟାଘ୍ର ତାଙ୍କ ଟାଣୁଆ ନିଶକୁ ଚମକାଇ ହେଣ୍ଟାଳଟିଏ ଛାଡ଼ିଲେ । ଏକା ଥରକେ ସଭାସ୍ଥଳଟି ଥମ୍‌କରି ନୀରବ ହୋଇଗଲା । ହନୁମାଙ୍କଡ଼ ଆଡ଼କୁ ଚାହିଁ ମହାରାଜ କହିଲେ, ''ହନୁମାନ, କେଉଁଥି ପାଇଁ ଆଜି ଏ ସଭାର ଆୟୋଜନ ? ବଣରେ କିଛି ବିପତ୍ତି ପଡ଼ିଲା କି ?'' ହନୁମାଙ୍କଡ଼ ସଭା ମଝିକୁ ଯାଇ ମହାରାଜଙ୍କୁ ପ୍ରଣାମ ଜଣାଇଲା । ତା' ପରେ ଦୁଇ ଗୋଡ଼ରେ ଠିଆ ହୋଇ କହିଲା, ''ମହାରାଜ, ଆମେ ହେଲୁ ବଣର ଜୀବ । ମଣିଷ ଗାଁ'ଗଣ୍ଡା, ସହରନଗରରେ ରହୁଛି । ବେଳେବେଳେ ଆମ ବଣ ଭିତରକୁ ପଶି ଆସି ଜୀବଜନ୍ତୁଙ୍କୁ ମାରି ପକାଉଛି । ଗଛ କାଟି ଜଙ୍ଗଲ ସଫାକରି ଦେଉଛି । ଏହି ଦୁଇଜଣ ମଣିଷ ହରିଣ ଶିକାରପାଇଁ ଆସି ଗଛ ତଳେ ଛକି ଠିଆ ହୋଇଥିଲେ । ସେମାନଙ୍କ ହାତରେ ଥିଲା ବନ୍ଧୁକ । କୌଶଳକରି ଅହିରାଜ

ଏ ଦୁହିଙ୍କୁ ନେଇ ଗଛ ଡାଳରେ ବାନ୍ଧି ରଖିଛି । ମଣିଷ ହାତରୁ ଖସି ପଡ଼ିଥିବା ଏହି ବନ୍ଧୁକ ହେଉଛି ତା'ର ପ୍ରମାଣ ।'' ଏହା କହି ବନ୍ଧୁକକୁ ଉପର ମୁହାଁ କରି ଟ୍ରିଗାରକୁ ଚିପିଦେଲା ମାଙ୍କଡ଼ । ଟ୍ରିଗାର ଚିପିବା ମାତ୍ରେ ଢୋ' କରି ଫୁଟିଲା ଗୁଳି । ନୀରବ ଥିବା ସଭାସ୍ଥଳଟି ଏକାଥରକେ କେଁ କାଁ, ଚେଁ ଚାଁ, ହାଉଁ ହାଉଁ, କିଚିରି ମିଚିରି ଶବ୍ଦରେ କମ୍ପିଉଠିଲା । ସଭାକୁ ଶାନ୍ତ କରିବାପାଇଁ ଗର୍ଜି ଉଠିଲେ ସେନାପତି ଚିତାବାଘ ।





ସଭାସ୍ଥଳ ପୂର୍ବପରି ନୀରବ ହୋଇଗଲା । ''ତା' ପରେ କ'ଣ ହେଲା ?", ପଚାରିଲେ ବ୍ୟାଘ୍ର ମହାରାଜ । ହନୁମାଙ୍କଡ଼ କହିଲା, ''ମହାରାଜ, ଯଦି ମଣିଷ ବଣର ଜୀବଜନ୍ତୁଙ୍କୁ ଏପରି ଶିକାର କରିଚାଲିବ, ବଣ ଜଙ୍ଗଲ ନଷ୍ଟ କରି ଚାଲିବ, ତେବେ ଦିନେ ପୃଥିବୀରୁ ଜୀବଜନ୍ତୁ ଲୋପ ପାଇଯିବେ ନାହିଁ କି ?'' ହନୁମାଙ୍କଡ଼ର କଥା ନ ସରୁଣୁ ହସ୍ତୀରାଜ ତା'ର ଶୁଣ୍ଢ ଉପରକୁ ଟେକି କହିଲା, ''ସତ କଥା ମହାରାଜ । ଶିକାର ପାଇଁ ମଣିଷର ଲୋଭ ଯୋଗୁଁ ମୋ' ପରି ବଲୁଆ ପ୍ରାଣୀ ମଧ୍ୟ ଭୟଭୀତ । ଆଉ କେତେବର୍ଷ ପରେ ଆମ ବଂଶ ଲୋପ ପାଇ ଯାଇପାରେ । ରାତି ଅଧରେ ମଣିଷ ଆସି ଗୋଟାଗୋଟା ହାତୀ ମାରି ପକାଉଛି । ସେମାନଙ୍କର ମୂଲ୍ୟବାନ ଦାନ୍ତ କାଟିନେଇ ପଳାଉଛି । ଏହି ମଣିଷକୁ ଉଚିତ୍ ଶାସ୍ତି ମିଳିବା ଦରକାର ।''



ହାତୀ କହିସାରିବା ପରେ ଡାମରାକାଉ କା..କା.. କରି କହିଲା, ''ହଁ ହଁ, ମଣିଷ ବଡ଼ ନିର୍ଦ୍ଦୟ । ମୁଁ ଭିତରକନିକା ଓ

ଟିକରପଡ଼ା ଜଙ୍ଗଲ ବୁଲି ଆସିଛି । ସେଠାରେ କୁମ୍ଭୀରମାନଙ୍କ ଅଭୟାରଣ୍ୟ ଅଛି । ହେଲେ ସେଠାରେ କେହି ନିରାପଦ ନାହାନ୍ତି ।



ମଣିଷ ବଣଭୋଜି କରିବାପାଇଁ ଆସି ଜୀବଜନ୍ତୁଙ୍କୁ ମାରି ମାଂସର ସ୍ୱାଦ ଚାଖୁଛି । ମୂଲ୍ୟବାନ ହାଡ଼, ଚମଡ଼ା ଧରି ଚାଲି ଯାଉଛି ।''

କୃ-କୃ କରି ସାରସ ପକ୍ଷୀଟି ତା'ର ଲମ୍ୱ ଅଣ୍ଟ ହଲାଇ କହିଲା, ''ଠିକ୍ ଠିକ୍ । ଆମ ପକ୍ଷୀମାନଙ୍କ ଉପରେ କ'ଣ କମ୍ ବିପଦ ! ମଣିଷ ତା'ର ଜିଭର ଲାଳସା ମେଣ୍ଟାଇବାପାଇଁ ଅସଂଖ୍ୟ ପକ୍ଷୀ ଶିକାର କରିଚାଲିଛି । କେତେକ ପକ୍ଷୀ ଆଉ ଆମ ଜଗତରେ ଦେଖିବାକୁ ମିଳୁ ନାହାଁନ୍ତି । ଚିଲିକାପରି ପକ୍ଷୀମାନଙ୍କ ଅଭୟାରଣ୍ୟ ଆଜି ବିପଦପୂର୍ଣ୍ଣ ।''

ସାରସ ପକ୍ଷୀର କଥାକୁ ସମର୍ଥନକରି ଠେକୁଆ କହିଲା, ''ଖାଲି ଚିଲିକା ନୁହେଁ, ଆଜିକାଲି ଭିତରକନିକାରେ କଇଁଛ, ଶିମିଳିପାଳରେ ବାଘ, ଚନ୍ଦକାରେ ହାତୀ, ଟିକରପଡ଼ାରେ କୁମ୍ଭୀର ଆଉ ଉଷାକୋଠିରେ ହରିଣ ମଧ୍ୟ ବିପଦରେ ପଡ଼ିଲେଣି ।ଏହାର ପ୍ରତିକାର ଦରକାର ।''



ହୁକେ ହୋ, ହୁକେ ହୋ ଶବ୍ଦ କରି ବିଲୁଆ କହିଲା, '' ମୋ' କଥା ଟିକିଏ ଶୁଣ । ସୁସ୍ୱାଦୁ ମାଂସ, କୋମଳ ଚମଡ଼ା କି ସୁନ୍ଦର ପର ପାଇଁ ମଣିଷ ତୁମମାନଙ୍କୁ ଶିକାର କରୁଥାଇପାରେ; କିନ୍ତୁ ମୁଁ ଏକ ନିରୀହ ପଶୁ ।

ମଲା ଜୀବଜନ୍ତୁର ମାଂସ ଖାଇ ମୋର ପେଟ ପୂରାଏ । ମଣିଷର ପରିବେଶକୁ ସୁସ୍ଥ ରଖେ । ମୁଁ ନ ରହିଲେ ଚାରିପାଖ ଦୁର୍ଗନ୍ଧରେ ଫାଟି ପଡ଼ନ୍ତା, ଅଥଚ ମୁଁ ମଧ୍ୟ ଏବେ ନିରାପଦ ନୁହେଁ । ପରିବେଶ କ୍ଷୟ ଯୋଗୁଁ ମୋ' ବଂଶ ମଧ୍ୟ କମିଯାଉଛି ।'' ବିଲୁଆ କଥାରେ ଗଧିଆ ମଧ୍ୟ ମୁଣ୍ଡ ହଲାଇଲା । ଗଛ ଉପରେ ଥିବା ଶାଗୁଣା, ଚିଲ ଓ କାଉ ଏକାଥରକେ ପାଟିକରି ଠିକ୍‌ଠିକ୍ ବୋଲି କଥାଟାକୁ ସ୍ୱୀକାର କଲେ ।



ଏତିକିବେଳେ ହଠାତ୍ ଗୋଟିଏ ଦିଗରୁ ସାଇଁ ସାଇଁ ଶବ୍ଦ ହେଲା । ସେଇ ଆଡ଼କୁ ସମସ୍ତେ ଚାହିଁଲେ । ଶାଳଗଛଟି ଦୀର୍ଘ ନିଃଶ୍ୱାସ ଛାଡ଼ି କହିଲା, ''ମୋ' କଥା ଏବେ ଶୁଣ । ମୋର ଭାଇବନ୍ଧୁଙ୍କୁ ନେଇ ବଣ ଜଙ୍ଗଲ । ବଣ ଭୂଇଁ ହେଉଛି ଜୀବଜନ୍ତୁଙ୍କ ଆବାସସ୍ଥଳ । ମଣିଷ ଏବେ ତା'ର ଘରଦ୍ୱାର ଓ ଆସବାବପତ୍ର ପାଇଁ ଅବାଧରେ ଗଛ କାଟି ଜଙ୍ଗଲ ସଫା କରିଚାଲିଛି । ଅନ୍ୟର ଘର ଉଜାଡ଼ି ନିଜ ଘର ସଜାଡୁଛି । ହେଲେ ଏହାଦ୍ୱାରା ସେ ତା'ର ଧ୍ୱଂସକୁ ଆମନ୍ତ୍ରଣ କରିବା କଥା ବୁଝିପାରୁନାହିଁ । ତୁମ୍ଭେମାନେ ଦେଖିଥିବ, ଝଡ଼ ବତାସରେ ମୋ' ଜାତି ଭାଇମାନେ ମୁଣ୍ଡଟେକି ଠିଆହୋଇ ମଣିଷର ଘରକୁ ରକ୍ଷା କରନ୍ତି । ଚେରଦ୍ୱାରା ବର୍ଷାବେଳେ ମାଟିକୁ ଧରି ରଖନ୍ତି । ବିଷାକ୍ତ ଧୂଆଁ ପାନକରି ଅମ୍ଳଜାନ ବାଷ୍ପ ଯୋଗାଇ ଦିଅନ୍ତି । ଆମରି ଯୋଗୁଁ ମଣିଷ ନିଜପାଇଁ ଖାଦ୍ୟ, ବସ୍ତ୍ର ଓ ଔଷଧପତ୍ର ପାଇବାକୁ ସମର୍ଥ ହୁଏ । ଗଛଲତାଙ୍କ ସଂଖ୍ୟା ଅଧିକ ଥିଲେ ପ୍ରଚୁର ବର୍ଷା ହେବା ସମ୍ଭବ ହୁଏ । ହେଲେ ମଣିଷ ଏସବୁ ନ ବୁଝି ମୋ'ଜାତି ଉପରେ କୁଠାରାଘାତ କରୁଛି । ଏହା ତାହାର ଅନ୍ୟାୟ ଆଚରଣ ନୁହେଁ କି ?''

ଶାଳଗଛର କଥା ନ ସରୁଣୁ ମୟୂର ତା'ର ବିଚିତ୍ର ପୁଚ୍ଛ ବିସ୍ତାର କରି, ଗ୍ରୀବା ଫୁଲାଇ, ଚୂଳ ହଲାଇ

କହିଲା, ‘‘ହଁ ହଁ, ମଣିଷ ଦିନକୁ ଦିନ ବଡ଼ ସ୍ୱାର୍ଥପର ଓ ଅବିବେକୀ ହୋଇଯାଉଛି । ବିଚାରହୀନ ଭାବରେ ବଣଜଙ୍ଗଲ ନଷ୍ଟ କରୁଛି । ଜୀବଜନ୍ତୁ ମାରି ପକାଉଛି । ମଣିଷକୁ କଠୋର ଶାସ୍ତି ମିଳିବା ଦରକାର ।’’



ମଣିଷ ବିରୋଧରେ ପଶୁପକ୍ଷୀ, ଗଛଲତାଙ୍କ ଅଭିଯୋଗ ଶୁଣିଲା ପରେ ବ୍ୟାଘ୍ର ମହାରାଜ ଗର୍ଜନ କରି କହିଲେ, ‘‘ରେ ରେ ନିର୍ବୋଧ ମଣିଷ ! ଏ ପୃଥିବୀ ସମସ୍ତଙ୍କର ବାସଭୂଇଁ । ଏଠାରେ ସମସ୍ତଙ୍କର ବଞ୍ଚିବାର ଅଧିକାର ଅଛି । ମଣିଷ ସହିତ ପଶୁପକ୍ଷୀ, ଗଛଲତାର ସ୍ଥାନ ପୃଥିବୀ ପୃଷ୍ଠରେ ରହିବା ଆବଶ୍ୟକ । ଜୀବଜନ୍ତୁ, ଗଛଲତା ନ ରହିଲେ ଏ ବସୁଧାରେ ମଣିଷ ମଧ୍ୟ ବଞ୍ଚିରହିପାରିବ ନାହିଁ । ତେଣୁ ମଣିଷ ନିଜେ ବଞ୍ଚିରହିବା ସହିତ ଅନ୍ୟମାନଙ୍କୁ ବଞ୍ଚାଇ ରଖିବା ପାଇଁ ଯତ୍ନବାନ ହେଉ ।’’ ଏହାପରେ ମନ୍ତ୍ରୀ ଭଲ୍ଲୁକ ଆଡ଼କୁ ଅନାଇ କହିଲେ, ‘‘ମନ୍ତ୍ରୀ ମହାଶୟ, ଏବେ ଏହି ଦୁଇ ମଣିଷଙ୍କୁ କି ଦଣ୍ଡ ଦିଆଯିବ ପ୍ରକାଶ କରନ୍ତୁ ।’’





ମହାମନ୍ତ୍ରୀ ଭଲ୍ଲୁକ ମୁଣ୍ଡ ହଲାଇ କହିଲେ, ‘‘ଅହିରାଜ ବାନ୍ଧି ରଖିଥିବା ମଣିଷ ଦୁଇଟିଙ୍କୁ ଆଜି ଛାଡ଼ି ଦିଆଯାଉ । ସେମାନେ ଆମ କଥାସବୁ ଶୁଣି ସାରିଛନ୍ତି । ତେଣୁ ସେମାନେ ଫେରିଯାଇ ଲୋକମାନଙ୍କୁ ଏ ବିଷୟରେ ଭଲଭାବରେ ବୁଝାନ୍ତୁ । ବଣ ଜଙ୍ଗଲ ପଦାକରି ଓ ଜୀବଜନ୍ତୁଙ୍କୁ ହତ୍ୟାକରି ସେମାନେ ନିଜର ଯେଉଁ କ୍ଷତି କରୁଛନ୍ତି, ସେ ବିଷୟରେ ସଚେତନ ହୁଅନ୍ତୁ । ତା ନ ହେଲେ ଭବିଷ୍ୟତରେ ସେମାନେ ଘୋର ବିପତ୍ତିର ସମ୍ମୁଖୀନ ହେବେ ।’’

ଏକାଠି ହୋଇଥିବା ଜନ୍ତୁମାନେ ଏକଥାକୁ ସମର୍ଥନ କଲେ । ସେମାନଙ୍କ ଶବ୍ଦରେ ବନଭୂଇଁ କମ୍ପି ଉଠିଲା । ଲୋକଦୁଇଟିଙ୍କୁ ଖଲାସ କରି ଦିଆଗଲା । ଅଦାଲତ ଶେଷକରି ସମସ୍ତେ ନିଜନିଜ ସ୍ଥାନକୁ ଫେରିଗଲେ ।



## ଆସ ଜାଣିବା କେତୋଟି ନୂଆ ଶବ୍ଦ

ତ୍ରିଗାର, ଗ୍ରୀବା, ଅଦାଲତ, ସରୀସୃପ, ଅବାଧ, ସ୍ୱାର୍ଥପର, ଆବାସସ୍ଥଳ, ବିପତ୍ତି, ନିର୍ଦ୍ଦୟ, ଉଜାଡ଼ିବା, ଅବିବେକୀ, ଆସବାବପତ୍ର, କୁଠାରାଘାତ, ବସୁଧା, ସମ୍ମୁଖୀନ, ଅଭୟାରଣ୍ୟ, ପଦାକରିବା, ଖଲାସ, ନିର୍ବୋଧ, ସେନାପତି, ସମର୍ଥନ, ଘୋର, ସଚେତନ, ଶାସ୍ତି

### ଶିକ୍ଷକଙ୍କପାଇଁ ସୂଚନା

- ପରିବେଶ ସୁରକ୍ଷା ସମ୍ବନ୍ଧରେ ପିଲାଙ୍କୁ ସଚେତନ କରାଇବେ ।
- ଅଭୟାରଣ୍ୟ କାହାକୁ କୁହାଯାଏ ଓ କେଉଁ ଜିଲ୍ଲାରେ ଅଛି, ମାନଚିତ୍ରରେ ଦେଖାଇ ସେ ସମ୍ବନ୍ଧରେ ପିଲାଙ୍କୁ ଧାରଣା ଦେବେ ।
- ପିଲାମାନଙ୍କ ମନରେ ପ୍ରାଣୀମାନଙ୍କ ପ୍ରତି ଦୟା ଓ ପ୍ରେମଭାବ ଜାଗ୍ରତ କରାଇବେ ।
- ବାଘ ଆମର ଜାତୀୟ ପଶୁ ଓ ମୟୂର ଆମର ଜାତୀୟ ପକ୍ଷୀ, ଏହାର ଧାରଣା ଦେବେ ।
- ଗଛଲତାଙ୍କର ଉପକାରିତା ସଂପର୍କରେ କହିବେ ।

# ଅଭ୍ୟାସ

୧. ଆସ ଆମେ କଥାବାର୍ତ୍ତା ହେବା ।

(କ) ବଣର ରାଜା କିଏ ଥିଲା ?

(ଖ) କାହାର ବିଚାରପାଇଁ ଅଦାଲତ ବସିଥିଲା ?

(ଗ) କାହାକୁ ଭାରତର ଜାତୀୟ ପଶୁ କୁହାଯାଏ ?

(ଘ) ମଣିଷ କାହିଁକି ପଶୁପକ୍ଷୀଙ୍କୁ ମାରିଥାଏ ?

(ଙ) ଅମ୍ଳଜାନବାଷ୍ପ ଆମର କି କାମରେ ଲାଗେ ?

(ଚ) ଅମ୍ଳଜାନବାଷ୍ପ ଆମେ କାହା ପାଖରୁ ପାଉ ?

୨. ଆସ ତଳ ଚିତ୍ରରୁ ପଶୁ ପକ୍ଷୀଙ୍କୁ ଚିହ୍ନଟ କରି ସେମାନଙ୍କ ନାମ ଲେଖିବା ।



୩.   କିଏ କେଉଁ ଘରେ ରହିବେ ଲେଖିବା ।

ବାଘ, କାଉ, ବଗ, ଗୋଧି, ହାତୀ, ମୟୂର, ଅହିରାଜ, ଗଧିଆ, ହରିଣ, ଗୋଖର, କଜଳପାତି, ବିଲୁଆ, ଗୟଳ, କୁମ୍ଭୀର, ଶାଗୁଣା , ଚିଲ, ହନୁମାଙ୍କଡ଼, ଏଣ୍ଡୁଅ, ପାରା, ଭଲ୍ଲୁକ, ଶୁଆ







ଯେପରି   ପଶୁ   ସରୀସୃପ   ପକ୍ଷୀ

| ପଶୁ | ସରୀସୃପ | ପକ୍ଷୀ |
|---|---|---|
| | | |
| | | |
| | | |
| | | |
| | | |
| | | |

୪.  ଦେଖିବା ଆସ, କାହାକୁ କାହା ସହିତ ଯୋଡ଼ିଲେ ଠିକ ହେବ ।

| | ଜୀବଜନ୍ତୁ | ଅଭୟାରଣ୍ୟ |
|---|---|---|
| ଯେପରି (କ) | ବାଘ | ଚିଲିକା |
| (ଖ) | କୁମ୍ଭୀର | ଉଷାକୋଠି |
| (ଗ) | ପକ୍ଷୀ | ଭିତରକନିକା |
| (ଘ) | ହାତୀ | ଶିମିଳିପାଳ |
| (ଙ) | ହରିଣ | ଚନ୍ଦକା |
| (ଚ) | କଇଁଛ | ଟିକରପଡ଼ା |

୫. ଆସ ତଳେ ଦିଆଯାଇଥିବା ଶବ୍ଦଯୋଡ଼ା ପରି କେତୋଟି ନୂଆ ଶବ୍ଦଯୋଡ଼ା ଲେଖିବା ।

ଯେପରି – ଜୀବଜନ୍ତୁ, ଗାଁଗଣ୍ଡା

_______________________________________________

_______________________________________________

୬. ଏକା ଅର୍ଥ ଥିବା ଶବ୍ଦଗୁଡ଼ିକୁ ଏକାଠି କରି କୋଠରି ଭିତରେ ଲେଖିବା ।

| କାକ, ମାନବ, ଧରା, ହସ୍ତୀ<br>ମନୁଷ୍ୟ, କରୀ, କୁଆ, ବସୁଧା | | | |
|---|---|---|---|
| | ☐ = ☐ | | ☐ = ☐ |
| | ☐ = ☐ | | ☐ = ☐ |

୭. ଆସ ତଳେ ଦିଆଯାଇଥିବା ଶବ୍ଦକୁ ନେଇ ଗୋଟିଏ ଲେଖାଁଏ ବାକ୍ୟ ଗଢ଼ିବା ।

ସ୍ୱାର୍ଥପର _______________________________________

ଅଦାଲତ _______________________________________

ବିପତ୍ତି, _______________________________________

ଯତ୍ନବାନ_______________________________________

ଧ୍ୱଂସ _______________________________________

ବ୍ୟାଟେରୀ _______________________________________

ନିର୍ବୋଧ _______________________________________

ସମର୍ଥନ _______________________________________

ଗ୍ରୀବା _______________________________________

୮. ଆସ ଦେଖିବା, ବୁଝିବା ଓ ଲେଖିବା ।

(କ) 'ଭୟ' ଶବ୍ଦର ପୂର୍ବରୁ 'ଅ' ଯୋଗ କଲେ 'ଅଭୟ' ଶବ୍ଦ ହୁଏ ଓ ଭୟର ବିପରୀତ ଅର୍ଥ ପ୍ରକାଶ କରେ ।

ତଳ ଶବ୍ଦ ଗୁଡ଼ିକରେ ସେପରି କଲେ କ'ଣ ହେବ ଲେଖିବା ।

ସୁନ୍ଦର ____________ ସମୟ ____________ ସାଧୁ ____________

ସୁସ୍ଥ ____________ ସୁବିଧା ____________ ଦରକାରୀ ____________

(ଖ) ବିପରୀତ ଅର୍ଥ ବୁଝାଉଥିବା ଶବ୍ଦଟିଏ ଲେଖ ।

ଯେପରି ଧନୀ- ନିର୍ଦ୍ଧନ

ଲୋଭୀ________, ଜୀବ________, ଦୋଷୀ________

୯. ଆସ ବୁଝିବା ଓ ଲେଖିବା ।

(କ) ସାରସ ପକ୍ଷୀର କଥାକୁ ସମର୍ଥନ କରି ଠେକୁଆ କଣ କହିଲା ?

______________________________

______________________________

(ଖ) ଶାଳ ଗଛର କଥା ଶୁଣି ମୟୂର କ'ଣ କହିଲା ?

______________________________

______________________________

୧୦. ଆସ ଆମେ ବିଭିନ୍ନ ଜୀବର ଭୂମିକା ନେଇ ''ବଣ ଅଦାଲତ'' ପାଠକୁ ଅଭିନୟ କରିବା ।

୧୧. ତୁମ ବାଡ଼ିରେ ଥିବା ଯେ କୌଣସି ଗୋଟିଏ ଗଛ ତୁମର କି ଉପକାର କରୁଛି, ତୁମେ ବାପା, ମା, ଭାଇ ବା ଭଉଣୀଙ୍କ ସଙ୍ଗେ କଥାବାର୍ତ୍ତା କରି ଲେଖ ।

______________________________

______________________________

______________________________

______________________________

______________________________



ଜାତୀୟ ପକ୍ଷୀ



ଜାତୀୟ ପଶୁ